## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜଣଙ୍କ ମୃତ୍ୟୁ

ଆସିକା,୨୦।୧୧(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୁତା ଗ୍ରାମରେ ବୁଧବାର ମଧ୍ୟାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଜଣେ ପୂର୍ବତନ ସେନା କର୍ମଚାରୀ ଇନ୍ଦ୍ରମଣି ରାଉତ (୫୫)। ଇନ୍ଦ୍ରମଣି ନିଜ ଘରେ ତାର ସଜାଉଥିଲା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତିକରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଗାଙ୍ଗପୁର ପୋଲିସ ଆସିକା ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ନଂ.୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଧୀରେଶ କୁମାର ଦାସ ସୂଚନା ଦେଇଛନ୍ତି।

### ନାଟକ ଉଦ୍‌ଘାଟନ କଲେ ବିଧାୟକ

ଗଞ୍ଜାମ,୨୦।୧୧(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ ରାଉଳିବନ୍ଧ ଗ୍ରାମର ମା' ମଙ୍ଗଳାଙ୍କ କୋଠିଶାଳ ଯାତ୍ରା ଉପଲକ୍ଷେ ସାମାଜିକ ନାଟକ କଳା କାହ୍ନୁ ମୋ କାଳିଆ ସୁନା ମଞ୍ଚସ୍ଥ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛତ୍ରପୁର ବ୍ଲକ ଅଧକ୍ଷ ଏସ. ଧନଞ୍ଜୟ ରେଡ୍ଡୀ, ବିଜେଡି ଜିଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଥଇଥାନ ଯୋଜନା ନ ଥାଇ ଉଚ୍ଛେଦ

ଭଞ୍ଜନଗର,୨୦।୧୧(ଡି.ଏନ୍.ଏ)

ଭଞ୍ଜନଗର ସହର ମୁଖ୍ୟ ସଡ଼କରୁ ପ୍ରଶାସନ ପକ୍ଷରୁ ଉଠା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଉଛି। ଏହି ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ଉଚ୍ଛେଦ ଦ୍ୱାରା ରାସ୍ତା ପ୍ରଶସ୍ତୀକରଣ ହୋଇଥିବାରୁ ଟ୍ରାଫିକ ସମସ୍ୟା କିଛି ମାତ୍ରାରେ ଦୂର ହୋଇଛି। ତଥାପି ମୁଖ୍ୟ ସଡ଼କରେ ଥିବା କିଛି ସ୍ଥାୟୀ ଦୋକାନ ସମ୍ମୁଖରେ ପାର୍କିଂ ପାଇଁ ସ୍ଥାନ ରଖାଯାଇ ନ ଥିବାରୁ ଅଧିକାଂଶ ସମୟ ଟ୍ରାଫିକ୍ ସମସ୍ୟା ରହୁଛି। ଛୋଟ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଉଥିବା ବେଳେ ବଡ଼ ବ୍ୟବସାୟୀଙ୍କ ବିରୋଧରେ ସେଭଳି କୌଣସି ପଦକ୍ଷେପ ନିଆଯାଉନାହିଁ। ପ୍ରଶାସନର ଏଭଳି ନୀତି ନେଇ ଉଠା ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ସେମାନେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କୁ ଭେଟି ଥଇଥାନ କରିବା ପାଇଁ ନିବେଦନ କରିଛନ୍ତି। ଉପଜିଲାପାଳ ମଧ ଥଇଥାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଭଳି ସ୍ଥିତିରେ ବୁଧବାର ପ୍ରଶାସନ ପକ୍ଷରୁ ମୁଖ୍ୟ ସଡ଼କରୁ ସମସ୍ତ ଉଠା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଥିବାରୁ କେତେକ ସ୍ଥାନରେ ବ୍ୟବସାୟୀ ଓ ଏନଏସି କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଦେଖାଯାଇଥିଲା। ଏହା ପ୍ରତିବାଦରେ ସହର ସମସ୍ତ ଅଞ୍ଚଳରେ ଥିବା ଉଠା ବ୍ୟବସାୟୀମାନେ ବୁଧବାର ଦୋକାନ ବନ୍ଦ କରି ଆନ୍ଦୋଳନ କରିଥିଲେ। ଉଠା ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ କରା ନଗଲେ ଶତାଧିକ ଗରିବ ରୋଜଗାର ହରାଇବେ। ତେଣୁ ପ୍ରଶାସନ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ନିକଟରେ କପଡ଼ା ଦୋକାନ କରିଥିବା ଉଠା ବ୍ୟବସାୟୀମାନେ ସାବିତ୍ରୀ ମହିଳା କଲେଜ ରାସ୍ତାରେ ବୁଧବାରଠାରୁ ଦୋକାନ କରିଛନ୍ତି। ଉକ୍ତ ରାସ୍ତାରେ ଦୋକାନକୁ ନେଇ ଆଗାମୀ ଦିନରେ ବିବାଦ ଦେଖାଦେବା ସମ୍ଭାବନା ରହିଛି। କାରଣ ଗତ ମାସରେ ସାବିତ୍ରୀ ମହିଳା କଲେଜ ଛାତ୍ରୀମାନେ କେତେକ ଉଠା ଦୋକାନୀଙ୍କ ପାଇଁ ଉପୁଜିଥିବା ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଅବଗତ କରାଇଥିଲେ। ତେଣୁ ବିବାଦ ଆସିବା ପୂର୍ବରୁ ପ୍ରଶାସନ ପକ୍ଷରୁ ଉଠା ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବା ଆବଶ୍ୟକ।



ଉଠା ବ୍ୟବସାୟୀମାନେ ଏକାଠି ହୋଇ ଆଲୋଚନା କରୁଛନ୍ତି ।

- ଉଠା ବ୍ୟବସାୟୀଙ୍କ ଆନ୍ଦୋଳନ
- ରୋଜଗାର ହରାଇବେ ଶତାଧିକ ଗରିବ

# ପୋଖରୀରୁ ମାଛ ଚୋରି ଅଭିଯୋଗ : ୨ ଗିରଫ

ଆସିକା,୨୦।୧୧(ଡି.ଏନ୍.ଏ.)

ଆସିକା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମର ଏକ ପୋଖରୀରୁ ମାଛ ଚୋରି ଅଭିଯୋଗରେ ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ସନ୍ତୋଷ ଦାସ ଓ ଯୋଗୀ ଦାସ । ଏ ନେଇ ଥାନାରେ ନଂ. ୪୪୨/୧୯ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ ମାଛ ଓ ଜାଲ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଭେଟନଇସ୍ଥିତ କେଉଟଲୁଣ୍ଡା ପଖୋରୀରୁ ରିତିମତ ମାଛ ଚୋରି ଚାଲିଥିଲା । ମାଛ ଚୋରଙ୍କୁ ଧରିବା ଲାଗି ବୁଧବାର ଗ୍ରାମର କେତେଜଣ ବ୍ୟକ୍ତି ପୋଖରୀ ନିକଟକୁ ଯାଇଥିବା ବେଳେ ଅଭିଯୁକ୍ତଦ୍ୱୟ ମାଛ ଧରୁଥିବା ଦେଖାଯାଇଥିଲା।

# ଅଙ୍ଗନୱାଡ଼ି କୋଠା ନିର୍ମାଣ ତ୍ୱରାନ୍ୱିତ କର: ଏଡିଏମ୍



ବୈଠକରେ ଉପସ୍ଥିତ ଏଡିଏମ୍ ଓ ଅଧିକାରୀମାନେ।

ଭଞ୍ଜନଗର,୨୦।୧୧(ଡି.ଏନ.ଏ)

ଗଞ୍ଜାମ ଅତିରିକ୍ତ ଜିଲାପାଳ (ସାଧାରଣ) କବୀନ୍ଦ୍ର ସାହୁ ବୁଧବାର ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଙ୍ଗନୱାଡ଼ି କେନ୍ଦ୍ର କୋଠା ନିର୍ମାଣ ଅଗ୍ରଗତି, ଅଙ୍ଗନୱାଡି କେନ୍ଦ୍ର ପାଇଁ ଜମି ଚିହ୍ନଟ ଓ କୋଠା ହସ୍ତାନ୍ତର ଉପରେ ସମୀକ୍ଷା କରିଥିଲେ। କେତେକ ବ୍ଲକରେ ଅଙ୍ଗନୱାଡ଼ି କେନ୍ଦ୍ର କୋଠା କାମ ଧିମାରେ ଚାଲିଥିବାରୁ ଏଡ଼ିଏମ୍ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଯେଉଁଠି ନୂଆ କୋଠା ନିର୍ମାଣ ପାଇଁ ଜମି ଚିହ୍ନଟରେ ସମସ୍ୟା ରହୁଛି, ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଜଣାଇ ସମସ୍ୟାର ସମାଧାନ କରିବା ପାଇଁ ପଦକ୍ଷେପ ନିଆଯାଉ। କୋଠା ନିର୍ମାଣ ସରିବା ପରେ ତାହାକୁ ହସ୍ତାନ୍ତର କରାଯାଇ ଶିଶୁମାନଙ୍କ ସେବାରେ କିଭଳି ଆସିପାରିବ ପଦକ୍ଷେପ ନେବାକୁ ଏଡ଼ିଏମ୍ ପରାମର୍ଶ ଦେଇଥିଲେ। ବୈଠକରେ ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ଉପଖଣ୍ଡର ସିଡ଼ିପିଓ, ସହକାରୀ ଯନ୍ତ୍ରୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ରାଜସ୍ୱ ସହାୟକ ସନ୍ତୋଷ କୁମାର ମହାରଣା ଓ ଭାରତୀ ବିଷୋୟୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ

ଭଞ୍ଜନଗର,୨୦।୧୧(ଡି.ଏନ.ଏ)

### ମୁଜାଗଡ଼ରେ ହାତୀପଲ

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ଗାଁ ମୁଣ୍ଡରେ ବୁଧବାର ରାତିରେ ୧୭ଟି ହାତୀ ରହିଥିଲେ। ହାତୀପଲ ଯୋଗୁ ରାଞ୍ଚି- ବିଜୟୱାଡ଼ା କରିଡ଼ର ଜାତୀୟ ରାଜପଥରେ ଯାନବାହାନ ଚଳାଚଳ କିଛି ସମୟ ପାଇଁ ବନ୍ଦ ରହିଥିଲା। ଖବରପାଇ ଡିଏଫଓ ଅଭୟ କୁମାର ଦଳେଇଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ବାଣ ଫୁଟାଇ ହାତୀ ଘଉଡ଼ାଇଥିଲେ। ହାତୀପଲ ଜାତୀୟ ରାଜପଥ ପାର ହୋଇ କୁଟୁଣିକୁମ୍ପା ଜଙ୍ଗଲ ଅଭିମୁଖେ ଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ତଥାପି ସମ୍ପୃକ୍ତ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଉତ୍ତର ଘୁମୁସର ବନଖଣ୍ଡରେ ବୁଧବାର ସୁଦ୍ଧା ୨୫ରୁ ଊର୍ଦ୍ଧ୍ୱ ହାତୀ ଅଛନ୍ତି। ସେଥିମଧ୍ୟରୁ ୧୭ଟି ହାତୀ ସନ୍ଧ୍ୟାରେ କାଳିପଙ୍କା ଜଙ୍ଗଲରୁ ବାହାରି ମୁଜାଗଡ଼ ଗାଁ ଶେଷରେ ଥିବା ଧାନ ଜମିରେ ପଶିଥିଲେ। ଫସଲ ଜଗିଥିବା ଚାଷୀମାନେ ଏହା ଜାଣିବାରେ ବନ ବିଭାଗକୁ ସୂଚନା ଦେଇଥିଲେ। ଏସିଏଫ, ରେଞ୍ଜର ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀ ଘଉଡ଼ାଇ ଥିଲେ।

## ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ

# ଜେଲଗଲେ ୨ ଯୁବକ

ଆସିକା,୨୦।୧୧(ଡି.ଏନ୍.ଏ.)

ଆସିକା ଥାନା ଇଲାକାରେ ଜଣେ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଦେବା ଅଭିଯୋଗରେ ପୋଲିସ ବୁଧବାର ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଦୀପକ ପାତ୍ର ଓ ଦେବାଷିଶ ମହାନ୍ତି। ଉଭୟେ ଜଣେ କଲେଜ ଛାତ୍ରୀଙ୍କୁ ରାସ୍ତାରେ ପିଛା କରି ଅଶ୍ଳୀଳ ଇଙ୍ଗିତ ଦେଉଥିଲେ। ଏପରିକି ସେମାନେ ଛାତ୍ରୀଙ୍କୁ ଟଣାଓଟରା କରିବା ସହ ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୋଲିସ ନଂ.୪୪୦/୧୯ରେ ଏକ ମାମଲା ରୁଜୁ କରିଥିଲା। ବୁଧବାର ଅଭିଯୁକ୍ତଦ୍ୱୟଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।



DSPL-156
13001/13/0011/1920

# ୨୬ରୁ ବନ୍ଦ ରହିବ ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ

**ବ୍ରହ୍ମପୁର ଅଫିସ,୨୦।୧୧**

ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ତଥା ସିଟି ବସ୍‌ଷ୍ଟାଣ୍ଡ ମରାମତି କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ। ଦୀର୍ଘଦିନ ଧରି ବସ୍ ମାଲିକ ସଂଘ ତଥା ସହରର ବିଭିନ୍ନ ସଂଗଠନର ଦାବି ଅନୁସାରେ ବର୍ତ୍ତମାନର ନୂଆ ବସ୍‌ଷ୍ଟାଣ୍ଡ ତଥା ସିଟି ବସ୍‌ଷ୍ଟାଣ୍ଡ ମରାମତି ସହ ନବୀକରଣ ପାଇଁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଆସନ୍ତା ୨୬ ତାରିଖରୁ ନୂଆ ବସ୍‌ଷ୍ଟାଣ୍ଡ ତଥା ସିଟି ବସ୍‌ଷ୍ଟାଣ୍ଡକୁ ୨ ମାସ ପାଇଁ ବନ୍ଦ କରିବା ନେଇ ବିଡିଏ ପକ୍ଷରୁ ନୋଟିସ ଜାରି କରାଯାଇଛି । ନିର୍ମାଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ଓଏସ୍‌ଆରଟିସି ବସ୍ ସମେତ ସମସ୍ତ ଘରୋଇ ବସ୍ ହଳଦିଆପଦର ସ୍ଥିତ ବସ୍ ଟର୍ମିନାଲରୁ ଚଳାଚଳ କରିବାକୁ ନୋଟିସରେ ଦର୍ଶାଯାଇଛି ।

ବ୍ରହ୍ମପୁରକୁ ପ୍ରତ୍ୟେକ ଦିନ ଶହ ଶହ ବସ୍ ଚଳାଚଳ କରୁଛି। ଏହାର କେନ୍ଦ୍ରସ୍ଥଳରେ ନୂଆ ବସ୍‌ଷ୍ଟାଣ୍ଡ ତଥା ସିଟି ବସ୍‌ଷ୍ଟାଣ୍ଡଟି ଦୀର୍ଘ ୧୦ ବର୍ଷ ଧରି ଅବହେଳିତ ହୋଇ ରହିଥିଲା। ମରାମତିରେ ଅବହେଳା ଯୋଗୁ ଯାତ୍ରୀଙ୍କୁ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିବାକୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି। ଏପରିକି ପରିସରରେ ଡ୍ରେନ୍, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ଯାତ୍ରୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଦୀର୍ଘ ବର୍ଷ ଧରି ହୋଇ ଆସୁଥିବା ଜନସାଧାରଣ ଦାବି ଅନୁସାରେ ବିଡିଏ ପକ୍ଷରୁ ଏବେ ପଦକ୍ଷେପ ଗ୍ରହଣ କରାଯାଇଛି। ବିଡିଏ ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡ ତଥା ସିଟି ବସ୍‌ଷ୍ଟାଣ୍ଡ ମରାମତି ଓ ନବୀକରଣ ନେଇ ଆସନ୍ତା ୨୬ ରୁ ୨ ମାସ ପର୍ଯ୍ୟନ୍ତ ବସ୍ ଚଳାଚଳ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି । ସମସ୍ତ ବସ୍ ହଳଦିଆପଦର ଟର୍ମିନାଲରୁ ଚଳାଚଳ କରିବ । ଏହାବ୍ୟତୀତ ୨୬ ରୁ ସ୍କୁଲ ଓ କଲେଜ ବସ୍ ବ୍ୟତୀତ ସମସ୍ତ ବସ୍‌କୁ ସହର ମଧ୍ୟରେ ପ୍ରବେଶ ନିଷେଧ କରାଯାଇଛି । ଅନ୍ୟପକ୍ଷରେ ହଳଦିଆପଦର ଟର୍ମିନାଲରୁ ବ୍ରହ୍ମପୁର ଦେଇ ହିଞ୍ଜିଳିକାଟୁ, ଆସିକା, ଭଞ୍ଜନଗର, ଦିଗପହଣ୍ଡି, ଫୁଲବାଣୀ, ତପ୍ତପାଣି, ପୁରୁଷୋତ୍ତମପୁରକୁ ଯାତାୟାତ କରୁଥିବା ବସ୍‌ଗୁଡିକ ପାଇଁ ସ୍ୱତନ୍ତ୍ର ରୁଟ ଜାରି କରାଯାଇଛି ।



ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ନୂଆ ବସ୍‌ଷ୍ଟାଣ୍ଡ ତଥା ସିଟି ବସ୍‌ଷ୍ଟାଣ୍ଡ ପରିସର ।

- ମରାମତି ପାଇଁ ୨ ମାସ ବନ୍ଦ ଲାଗି ବିଡିଏର ନିଷ୍ପତ୍ତି
- ହଳଦିଆପଦରରୁ ଚଳାଚଳ କରିବ ସମସ୍ତ ବସ୍
- ସେଲିଆ ପେଟ୍ରୋଲ ପମ୍ପରୁ ଗେଟବଜାର ମଧ୍ୟରେ ରହିବନି ବସ୍

ହଳଦିଆପଦର ବସ୍ ଟର୍ମିନାଲରୁ କୁକୁଡାଖଣ୍ଡି, ଦିଗପହଣ୍ଡି ଯିବା ପାଇଁ ବସ୍‌ଗୁଡିକ ଗୋଷାଣୀନୂଆଗାଁ ହଳଦିଆପଦର ଓଭରବ୍ରିଜ, ସେଲିଆ ପେଟ୍ରଲ ପମ୍ପ, ଟାଟାବେଞ୍ଚ ଛକ, କୋର୍ଟପେଟା ଛକ, ଗେଟବଜାର, ଫାଷ୍ଟଗେଟ ଦେଇ ଯାତାୟାତ କରିବ । ସେହିପରି ଦିଗପହଣ୍ଡି, କୁକୁଡାଖଣ୍ଡିରୁ ବ୍ରହ୍ମପୁର ହଳଦିଆପଦର ବସ୍‌ଟର୍ମିନାଲକୁ ଯିବା ପାଇଁ ବସ୍‌ଗୁଡିକ ଫାଷ୍ଟଗେଟରୁ ଗେଟବଜାର, ସିଟି ହସ୍‌ପିଟାଲ, ଟାଟାବେଞ୍ଚ, କୋର୍ଟପେଟାଛକ, ଇଞ୍ଜିନିୟରିଂ ସ୍କୁଲ ଛକ, ଗୋପାଳପୁର ଓଭରବ୍ରିଜ, ଜାତୀୟ ରାଜପଥ-୧୬ ଦେଇ ହଳଦିଆପଦର ବସ୍‌ଷ୍ଟାଣ୍ଡକୁ ଯାତାୟାତ କରିବେ। ଉପରୋକ୍ତ ବସ୍‌ଗୁଡିକ ସହରମଧ୍ୟ ଦେଇ ଯାତାୟାତ ବେଳେ ସେଲିଆ ପେଟ୍ରୋଲ ପମ୍ପରୁ ଗେଟବଜାର ମଧ୍ୟରେ ଥିବା ଟାଟାବେଞ୍ଚ ଛକ, କୋର୍ଟପେଟା ଛକ, ସିଟି ବସ୍‌ଷ୍ଟାଣ୍ଡ ଆଦି ଛକରେ ରହି ପାରିବେ ନାହିଁ ବୋଲି ମଧ୍ୟ ବିଡିଏ ଉପାଧ୍ୟକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋର ନୋଟିସରେ ଦର୍ଶାଇଛନ୍ତି ।

## ସଂକ୍ଷେପରେ

### ଜିଲା ଫାର୍ମାସିଷ୍ଟ ସଂଘର ଫାର୍ମାସୀ ସପ୍ତାହ ପାଳନ

**ବ୍ରହ୍ମପୁର ଅଫିସ,୨୦।୧୧:** ଓଡ଼ିଶା ଫାର୍ମାସିଷ୍ଟ ସର୍ଭିସ ଆସୋସିଏଶନ ଗଞ୍ଜାମ ଜିଲା ଶାଖା ପକ୍ଷରୁ ବୁଧବାର ବ୍ରହ୍ମପୁରରେ ୫୮ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ ହୋଇଯାଇଛି । ଆସିକା ରୋଡସ୍ଥ ପବ୍ଲିକ ଅର୍ବାନ ହେଲଥ ସେଣ୍ଟରରେ ଆୟୋଜିତ ସମାରୋହରେ ଜିଲା ସଂଘ ସଭାପତି କେ. ଖଳି ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଅଭିମନ୍ୟୁ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଚଳିତ ବର୍ଷ ଫାର୍ମାସୀ ସପ୍ତାହର ସ୍ଲୋଗାନ 'ଫାର୍ମାସିଷ୍ଟ ୟୁଅର ମେଡିକେଶନ କାଉନସିଲର' ଘୋଷଣା କରାଯାଇଥିଲା । ସମାରୋହରେ ଜିଲା ଉପସଭାପତି ନବୀନ କୁମାର ମହାପାତ୍ର, ସହ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ମଙ୍ଗୁଲୁ ନାୟକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଅଶୋକ କୁମାର ପାତ୍ର, ଉପଦେଷ୍ଟା ବି. କାମେଶ୍ୱର ଓ ଇ. ଧର୍ମରାଜୁ ଯୋଗ ଦେଇଥିଲେ । ଚିକିତ୍ସା ସେବାରେ ଫାର୍ମାସିଷ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଅନେକ ଫାର୍ମାସିଷ୍ଟ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲା ସଂଘର ୨ ବର୍ଷ ପାଇଁ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା । କେ. ଖଳି ସୁବୁଦ୍ଧି ସଭାପତି ଏବଂ ଅଭିମନ୍ୟୁ ଶତପଥୀ ସମ୍ପାଦକ ଭାବେ ପୁନଃ ମନୋନୀତ ହୋଇଛନ୍ତି । ପ୍ରଫୁଲ୍ଲ ପଣ୍ଡା ଓ ନୌକେଶ ପାତ୍ର ଉପସଭାପତି ହୋଇଛନ୍ତି ଏବଂ ଇ. ଧର୍ମରାଜୁ ଓ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ସହ ସମ୍ପାଦକ ହୋଇଥିବା ବେଳେ ଅଶୋକ କୁମାର ପାତ୍ର କୋଷାଧ୍ୟକ୍ଷ ହୋଇଛନ୍ତି । ୬ ସଂଗଠନ ସମ୍ପାଦକଙ୍କ ମଧ୍ୟରେ ବି. ଇନ୍ଦିରା ବାଇ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ମନୋଜ କୁମାର ପାଣିଗ୍ରାହୀ, ମଙ୍ଗୁଲୁ ନାୟକ, ସଞ୍ଜୟ କୁମାର ସାହୁ ଓ ଦୁର୍ଗା ଚରଣ ପାତ୍ର ଅଛନ୍ତି । ସଭାପତି କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ ।

### ସଭ୍ୟ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ଶେଷ

**ବେଗୁନିଆପଡ଼ା,୨୦।୧୧(ଡି.ଏନ.ଏ.):** ଗଞ୍ଜାମ ଜିଲା ସୁମଣ୍ଡଳ ବିଭାଗରେ ଥିବା ପାଣି ପଞ୍ଚାୟତର ଚକ କମିଟି ସଭ୍ୟ ନିର୍ବାଚନ ପାଇଁ ବୁଧବାର ସୁମଣ୍ଡଳ ସ୍ଥିତ ଜଳ ସେଚନ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ଏହି ବିଭାଗରେ ୬ ପାଣି ପଞ୍ଚାୟତ ମଧ୍ୟରୁ ମା' ପାଦୁକେଇ (୧୭ ନମ୍ବର) ପାଣି ପଞ୍ଚାୟତ ପାଇଁ ୩୬ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ବାବା ଧବଳେଶ୍ୱର (୧୮ ନମ୍ବର) ପାଣି ପଞ୍ଚାୟତ ପାଇଁ ୨୩ ଜଣ ଓ ଶ୍ରୀ ଜଗନ୍ନାଥ (୧୯ ନମ୍ବର) ପାଣି ପଞ୍ଚାୟତ ପାଇଁ ୫୦ ଜଣ ବାବା ଅମରେଶ୍ୱର ପାଣି ପଞ୍ଚାୟତ (୨୨ ନମ୍ବର)ରେ ୪୬ ଜଣ, ବଟେଶ୍ୱର ପାଣି ପଞ୍ଚାୟତ (୨୦)ରେ ୫୭ ଜଣ ଓ ନୀଳକଣ୍ଠେଶ୍ୱର ପାଣି ପଞ୍ଚାୟତ (୨୧)ରେ ୪୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା କନିଷ୍ଠ ଯନ୍ତ୍ରୀ ସନାତନ ପ୍ରଧାନ କହିଛନ୍ତି। ଏଥିରେ ଉପନିର୍ବାହୀ ଯନ୍ତ୍ରୀ ପବନ କୁମାର ରାମ, ସହକାରୀ ଯନ୍ତ୍ରୀ ଜଗଦୀଶ ସେଠୀ, କନିଷ୍ଠ ଯନ୍ତ୍ରୀ ସନାତନ ପ୍ରଧାନ ଓ ବିନୋଦ କୁମାର ସାହୁ ନିର୍ବାଚନ ପରିଚାଳନା କରିଥିଲେ।

## ଅପରାଧ ସମୀକ୍ଷା କଲେ ଏସ୍‌ପି

**ଛତ୍ରପୁର,୨୦।୧୧(ଡି.ଏନ.ଏ.)**

ଗଞ୍ଜାମ ପୋଲିସ ଜିଲା ଅପରାଧ ସମୀକ୍ଷା ବୈଠକ ବୁଧବାର ଛତ୍ରପୁରସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ବ୍ରିଜେଶ କୁମାର ରାଏ ଅଧ୍ୟକ୍ଷତା କରିଥିଲେ। ଏହି ପୋଲିସ ଜିଲା ଅଧୀନ ବିଭିନ୍ନ ଥାନାୱାରି ଅପରାଧ ସମୀକ୍ଷା କରାଯାଇଥିଲା। ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର କରିବା ସହ ସେମାନଙ୍କ ସମସ୍ୟା ବୁଝି ସମାଧାନ ପାଇଁ ଉଦ୍ୟମ କରିବାକୁ ଏସ୍‌ପି କହିଛନ୍ତି। ମୋ ସରକାର କାର୍ଯ୍ୟକ୍ରମକୁ ସଫଳ ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମହିଳା ଓ ଶିଶୁ ଡେସ୍କ, ଅଭ୍ୟର୍ଥନା ଗୃହ, ବରିଷ୍ଠ ନାଗରିକ ସେଲ୍‌ର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ନିୟମିତ ପାଟ୍ରୋଲିଂ, ଅବକାରୀ ଚଢାଉ, ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ପେଣ୍ଡିଂ ମାମଲାର ସମାଧାନ ସହ ଅସାମାଜିକ, ଆପରାଧିକ ପୃଷ୍ଠଭୂମି ବ୍ୟକ୍ତିଙ୍କ ଉପରେ ନଜର ରଖିବାକୁ କୁହାଯାଇଛି। ବୈଠକରେ ବରିଷ୍ଠ ପୋଲିସ ଅଧିକାରୀ ଓ ଆଇଆଇସିମାନେ ଉପସ୍ଥିତ ଥିଲେ ।

## ଆଇଟିଆଇରେ ଖୋଲିଲା ପ୍ରଦୂଷଣ ଯାଞ୍ଚ କେନ୍ଦ୍ର



ପ୍ରଦୂଷଣ ଯାଞ୍ଚ କରାଯାଉଛି ।

**ବ୍ରହ୍ମପୁର ଅଫିସ,୨୦।୧୧**

**ଗଞ୍ଜାମ ଜିଲାରେ ପ୍ରଥମ**

- କାର୍ଯ୍ୟ ଦିବସରେ ମିଳିବ ପ୍ରମାଣପତ୍ର

ବ୍ରହ୍ମପୁର ସରକାରୀ ଆଇଟିଆଇରେ ଜିଲା ପରିବହନ କାର୍ଯ୍ୟାଳୟ ସହାୟତାରେ ଏକ ନିୟମିତ ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ କେ. ଭି. ଆର. ଚାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ, ପୂର୍ତ୍ତ ଡିଭିଜନ-୧ ଓ ୨ର ନିର୍ବାହୀ ଯନ୍ତ୍ରୀ ତପନ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ସଡକ ସୁରକ୍ଷା ନିୟମ ପ୍ରକାରେ ଦୁଇଚକିଆ, ଚାରିଚକିଆ ଯାନ ସମେତ ହାଲୁକା, ଭାରିଯାନ ପ୍ରଦୂଷଣ ଯାଞ୍ଚ ପାଇଁ ଗଞ୍ଜାମ ଜିଲାରେ ପ୍ରଥମ ଥର ପାଇଁ ଆଇଟିଆଇ ପରିସରରେ ଏହି କେନ୍ଦ୍ର ଖୋଲା ଯାଇଥିବା ବେଳେ ଏହା ବର୍ଷର ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଖୋଲା ରହିବ। ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦୂଷଣ ଯାଞ୍ଚ ପାଇଁ ତାଲିମ ନେଇଥିବା ଆଇଟିଆଇ ଶିକ୍ଷକ ଶଙ୍କର ଦାଶ ଓ ବ୍ରଜ କିଶୋର ରାଉତ ଏହି କେନ୍ଦ୍ର ପରିଚାଳନା କରିବା ସହ ଯାନଗୁଡିକର ପ୍ରଦୂଷଣ ଯାଞ୍ଚ କରି ଅନ୍‌ଲାଇନରେ ସାର୍ଟିଫିକେଟ ପ୍ରଦାନ କରିବେ ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ଡ. ପାଣିଗ୍ରାହୀ ସୂଚାଇଛନ୍ତି । ଆଇଟିଆଇର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମକର୍ତ୍ତା କେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜାଲ୍ ସାର୍ଟିଫିକେଟ୍ ନେଇ ଖବରଦାତା ସମ୍ମିଳନୀ

**ହାତୀଓଟ,୨୦।୧୧**

ପୋଲସରା ବ୍ଲକ୍ ଲୁଣିଘାଟି ଶିବମନ୍ଦିର ପ୍ରାଙ୍ଗଣରେ ବୁଧବାର ଜାଲ୍ ସାର୍ଟିଫିକେଟ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ନିମିନା ପଞ୍ଚାୟତର ଜଣେ ମହିଳା ଦୀର୍ଘ ୧୬ବର୍ଷ ଧରି ଜାଲ୍ ସାର୍ଟିଫିକେଟ୍‌ରେ ଚାକିରି କରୁଥିବା ବିଲେଇଝୁରୀ ଗ୍ରାମର କୃଷ୍ଣ ଚନ୍ଦ୍ର ସ୍ୱାଇଁ ଅଭିଯୋଗ କରିଛନ୍ତି।

କୃଷ୍ଣଚନ୍ଦ୍ର କହିବା ପ୍ରକାରେ, ପୋଲସରା ସିଡିପିଓ ଅଫିସ୍ ଚିଠି ନଂ. ୪୭୩ ୧୯/୮/୨୦୧୪ ତାରିଖରେ ସୂଚନା ଅଧିକାର ଆଇନ ଦ୍ୱାରା ସିଡିପିଓ ଦେଇଥିବା ତଥ୍ୟ ଅନୁଯାୟୀ, ପୋଲସରା ଆଇସିଡିଏସ୍ ଅଧୀନ ବିଲେଇଝୁରୀରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ୨୦୧୩ ଏପ୍ରିଲ ୨ ତାରିଖରେ ଜଣେ ମହିଳା ନିଯୁକ୍ତି ପାଇଥିଲେ। ସେତେବେଳେ ତାଙ୍କୁ ୧୮ ବର୍ଷ ହେଉଥିବାରୁ ଜନ୍ମ ତାରିଖକୁ ୪ ବର୍ଷ ଅଧିକ କରି ଅଙ୍ଗନୱାଡି ଚୟନ ପ୍ରକ୍ରିୟାରେ ଭାଗ ନେଇ ନିଯୁକ୍ତ ହୋଇଥିବା ସ୍ୱାଇଁ ପ୍ରକାଶ କରିଛନ୍ତି। ପୋଲସରା ସିଡିପିଓ ଅଫିସରେ ସମ୍ପୃକ୍ତ କର୍ମୀଙ୍କ ଦୁଇଟି ମାର୍କଶିଟ୍ ଓ ଦୁଇଟି ସାର୍ଟିଫିକେଟ୍ ଥିଲେ ମଧ୍ୟ ୧୬ବର୍ଷ ଧରି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଜିଲା ପ୍ରଶାସନ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୃଷ୍ଣଚନ୍ଦ୍ର ଦାବି କରିଛନ୍ତି। ଉକ୍ତ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ନେଇ ପୋଲସରା ସିଡିପିଓ କୁନ୍ତଳା କୁମାରୀ ନାଇକଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।

## ଗଞ୍ଜାମ ବଲ୍ ବ୍ୟାଡମିଣ୍ଟନ ଦଳ ଘୋଷିତ

**ବ୍ରହ୍ମପୁର ଅଫିସ,୨୦।୧୧**

ବାଙ୍କୀଠାରେ ୨୧ରୁ ୨୪ତାରିଖ ପର୍ଯ୍ୟନ୍ତ ୨୭ତମ ରାଜ୍ୟ ବଲ୍‌ବ୍ୟାଡମିଣ୍ଟନ୍ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଗଞ୍ଜାମ ଦଳ ଭାଗନେବ। ଜିଲାର ବାଳିକା ଏବଂ ବାଳକ ଦଳ ଘୋଷିତ ହୋଇଯାଇଛି। ବାଳିକା ଦଳରେ ପ୍ରିୟଦର୍ଶିନୀ, ଜ୍ୟୋତିରାଣୀ ଦୋରା, ପ୍ରୀତିସୁଧା ମାଝି, ପ୍ରିୟତମା ଭୂୟାଁ, ଆର୍.ସ୍ମୃତିଶ୍ରୀ ନିନା, ସଂଗୀତା ମଲ୍ଲିକ, ନିନା ମଲ୍ଲିକ, ଦନୁଜା କୁମାରୀ, ରଶ୍ମି ନନ୍ଦିତା ମଲ୍ଲିକ ଓ ସ୍ନିଗ୍ଧା ସାହୁ ରହିଛନ୍ତି । ସେହିଭଳି ବାଳକ ଦଳରେ ଆଶିଷ କୁମାର ସାହୁ, ଏ.ଶିବା ରାଓ, ଏ.ନେହିତ୍, ପ୍ରୟାଶ ପରିଡ଼ା, ତ୍ରିଲୋଚନ ମହାନ୍ତି, ମିଲନ୍ ସାହୁ, ବିଷ୍ଣୁ ରଥ ଓ ରାଧେଶ୍ୟାମ ପ୍ରମୁଖ ରହିଛନ୍ତି। ଖେଳାଳିଙ୍କୁ ଗଞ୍ଜାମ ଜିଲା ବଲ୍ ବ୍ୟାଡମିଣ୍ଟନ ସଂଘ ସଭାପତି ସଚ୍ଚିଦାନନ୍ଦ ଦାସ, ସମ୍ପାଦକ ସଞ୍ଜୟ ବିଷୋୟୀ, କାଳିଆ ମୁନା, ଏମ୍.ସୁଧା ସ୍ୱାମୀ, ରବି ମିଶ୍ର, ଦୁଷ୍ମନ୍ତ ପାଢୀ ଏବଂ ପ୍ରକାଶ ପଣ୍ଡା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।



ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ।

## ଫଲଗୁ ସାହିତ୍ୟ ସଂସଦ ଆସର

**ବ୍ରହ୍ମପୁର ଅଫିସ,୨୦।୧୧**

ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଫଲଗୁ ସାହିତ୍ୟ ସଂସଦ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଡ.ନିଖିଳାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରରେ ସାଧାରଣ ସମ୍ପାଦକ ପ୍ରଫେସର ଡ.ବ୍ରଜମୋହନ ସାସମଲ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରି ସ୍ୱାଗତ ଭାଷଣ ଦେଇଥିଲେ। ଇଂ.ଆଶୁତୋଷ ପାତ୍ର ସଂଯୋଜନା କରିଥିବା ବେଳେ ସହ ସମ୍ପାଦକ ଡା.ସାଗର ରଞ୍ଜନ ତ୍ରିପାଠୀ ସମୀକ୍ଷା କରିଥିଲେ। ଏହି ଆସରରେ ଉପସଭାପତି ପ୍ରଫେସର ଡ.ରବିନାରାୟଣ ମିଶ୍ର, ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବଙ୍କ ସମେତ ବିପ୍ର ଆଚାର୍ଯ୍ୟ, ଡା. ଚନ୍ଦ୍ରମଣୀ ସ୍ୱାଇଁ, ଡ.ସନ୍ତୋଷ କୁମାର ଦାଶ, ଡ.ସୂଚନା ପାଢୀ, ସ୍ୱର୍ଣ୍ଣପ୍ରଭା ମିଶ୍ର, ଅମିତା ମିଶ୍ର, ପ୍ରମୋଦିନୀ ପଣ୍ଡା, ଜ୍ୟୋତ୍ସ୍ନାରାଣି ସ୍ୱାଇଁ, ଡା. ଗୋଦାବରୀଶ ଦାଶ, ଶରତ କୁମାର ଦାସ ପ୍ରମୁଖ ସ୍ୱରଚିତ ଗଳ୍ପ କବିତା ପାଠ କରିଥିବା ବେଳେ ଦୀନବନ୍ଧୁ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଭୀଷ୍ମଗିରିରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ

## ୨୨.୨୨୦ କେଜି ଗଞ୍ଜେଇ ଜବତ, ୨ ଛାତ୍ର ଗିରଫ



ଗିରଫ ୨ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ ।

**ବ୍ରହ୍ମପୁର ଅଫିସ,୨୦।୧୧**

ଅବକାରୀ ବିଭାଗ ବୁଧବାର ପୃଥକ୍ ଭାବେ ଦୁଇଟି ସ୍ଥାନରେ ଚଢାଉ କରି ୨୨.୨୨୦ କେଜି ଗଞ୍ଜେଇ ଜବତ କରିଛି। ୨ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀର ପବିତ୍ର ବେହେରା (୧୯) ଓ ପୁରୀ ଜିଲା ଡେଲାଙ୍ଗ ଥାନା ହରିରାଜପୁର ଗ୍ରାମର ବୀରେନ୍ଦ୍ର ମଙ୍ଗରାଜ (୧୯)। ଉଭୟେ ଯୁକ୍ତ ୩ ଛାତ୍ର ଅଟନ୍ତି ବୋଲି ସଦର ଇନ୍ସପେକ୍ଟର ବାଳକୃଷ୍ଣ ପରିଡା ସୂଚନା ଦେଇଛନ୍ତି। ବୁଧବାର ସକାଳେ ପ୍ରଥମେ ଫାଷ୍ଟଗେଟ ନିକଟରୁ ପବିତ୍ରଙ୍କୁ ଅବକାରୀ ପୋଲିସର ଏକ ଟିମ୍ ଧରିଥିଲା। ସେ ଧରିଥିବା ବ୍ୟାଗ ଯାଞ୍ଚ ବେଳେ ସେଥିରେ ୬.୬୭୦ ଗ୍ରାମ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଜେରା ବେଳେ ତାଙ୍କ ବୟାନକୁ ଆଧାର କରି ତାଙ୍କର ଅନ୍ୟ ଜଣେ ସାଙ୍ଗ ବୀରେନ୍ଦ୍ରଙ୍କୁ ଅବକାରୀ ଇନ୍ସପେକ୍ଟର ପରିଡା ଓ ତାଙ୍କ ଟିମ ଖେମୁଣ୍ଡି କଲେଜ ନିକଟରୁ କାବୁ କରିଥିଲା। ବୀରେନ୍ଦ୍ରଙ୍କ ଗାଡି (ନଂ ଓଡ଼ି୩୩ୱାଇ୫୦୫୩)ରୁ ୧୫.୫୫୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ସେମାନଙ୍କୁ ଜେରା ବେଳେ ଉକ୍ତ ଗଞ୍ଜେଇ ସେମାନେ ଭୀଷ୍ମଗିରି ଅଞ୍ଚଳରୁ ଆଣି ଭୁବନେଶ୍ୱର ଚାଲାଣ କରିଥାନ୍ତେ ବୋଲି ଅବକାରୀ ପୋଲିସ ସୂଚନା ଦେଇଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଇନ୍ସପେକ୍ଟର ପରିଡା କହିଛନ୍ତି।

### ବ୍ରହ୍ମପୁରରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧନା

# 'ବିପ୍ଳବ ବିନା ବିକାଶ ନାହିଁ'

**ବ୍ରହ୍ମପୁର ଅଫିସ,୨୦।୧୧**

- ଜୈବିକ ଚାଷକୁ ଗୁରୁତ୍ୱ ମିଳୁ
- ପ୍ରଦୁଷଣ ଦୂର ପାଇଁ ଗଛ ଲଗାଅ
- ଗଞ୍ଜାମ ମାଟି ସଂଗ୍ରାମୀଙ୍କ ମାଟି



ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ବିଭିନ୍ନ ସଂଗଠନ କର୍ମକର୍ତ୍ତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ।

ବ୍ରିଟିଶ୍ ବିରୋଧରେ ସଂଗ୍ରାମ ପ୍ରଥମେ ଓଡ଼ିଶା ମାଟିରୁ ଆରମ୍ଭ ହୋଇଥିଲା। ପାଇକ ବିଦ୍ରୋହକୁ ଦେଶର ସର୍ବପ୍ରଥମ ବିଦ୍ରୋହ ଭାବେ ମାନ୍ୟତା ମିଳିଛି । ଏଥିରୁ ପ୍ରମାଣ ମିଳୁଛି, ଆମ ଓଡ଼ିଶାର ବୀରପୁତ୍ରଙ୍କ ବିରତ୍ୱ। ଏ ଜାତିର ମଣିଷମାନେ ସଂଗ୍ରାମ ଓ ସଂଘର୍ଷ କରିବା ଭୁଲିଗଲେଣି। ବିପ୍ଳବ ବିନା ବିକାଶ ନାହିଁ। ଏଣୁ ଆସନ୍ତୁ, ଆମ ପୂର୍ବ ଗୌରବକୁ ମନେ ପକାଇ ବୀରପୁତ୍ରଙ୍କ ଜୀବନରୁ ପ୍ରେରଣା ନେବା ବୋଲି ଆହ୍ୱାନ ଦେଇଛନ୍ତି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ଗଞ୍ଜାମ ହେଉଛି ସଂଗ୍ରାମୀଙ୍କ ମାଟି। ଏହି ମାଟିରୁ ବିପ୍ଳବ ଆରମ୍ଭ ହେଉ ବୋଲି ସେ ପ୍ରକାଶ କରିଛନ୍ତି ।

ବୁଧବାର ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ତରଫରୁ ସ୍ଥାନୀୟ ଟାଉନହଲ୍‌ରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ପ୍ରତିଉତ୍ତରରେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି ରାଜ୍ୟପାଳ ହରିଚନ୍ଦନ। ସେ କହିଥିଲେ, ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବା ପାଇଁ ଦୀର୍ଘଦିନ ସଂଘର୍ଷ କରିବାକୁ ପଡ଼ିଛି। ଅନେକ ଦିନର ଲଢ଼େଇ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ଦାବିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟ୍‌ରେ ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଏହାକୁ ଗ୍ରହଣ କରିଥିଲେ। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ତାଙ୍କର ଶେଷ ଅଭିଭାଷଣରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତ ସଂଗ୍ରମର ମାନ୍ୟତା ଦେଇଥିଲେ । ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟପାଳ ହରିଚନ୍ଦନ ଏହି ଅବସରରେ ଜୈବିକ ଚାଷ ଉପରେ ଗୁରୁତ୍ୱ ଦେଇଥିଲେ। ସେହିଭଳି ପ୍ରଦୁଷଣ ଦେଶବ୍ୟାପୀ ଅନେକ ସହରରେ ଉକ୍ରଟ ସମସ୍ୟା ସୃଷ୍ଟି କରୁଛି। ସମସ୍ତେ ବ୍ୟାପକ ବୃକ୍ଷ ରୋପଣ କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଗଞ୍ଜାମର ଚାଷୀମାନେ କଠିନ ପରିଶ୍ରମୀ। ମାଟି ସହ ନିଜକୁ ମିଶାଇ ଦିଅନ୍ତି। ଏଣୁ ଗଞ୍ଜାମ ଜିଲାର ଚାଷୀମାନେ ଜୈବିକ ଚାଷକୁ ଅପଣାନ୍ତୁ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ ।

ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ସୁଦର୍ଶନ ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ପୂର୍ବତନ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ, ଖବରଦାତା ସଞ୍ଜୟ ଜେନା, ପ୍ରଫେସର ଡା. ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ଭୃଗୁ ବକ୍ସିପାତ୍ର, ସୁଶାନ୍ତ ସାବତ, ସୁବାସ ମହାରଣା, ରବି ରଥ, ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ସଭାପତି ପ୍ରଶାନ୍ତ ମିଶ୍ର, ଡ. ବିଦ୍ୟୁତ୍‌ପ୍ରଭା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ବିଭୂତି ଜେନା ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ୧୦୮ ସଂଗଠନ, ବ୍ୟକ୍ତିବିଶେଷ ଏବଂ ସଂସ୍ଥା ତରଫରୁ ରାଜ୍ୟପାଳ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

**ସଂକ୍ଷେପରେ**

## ଆସିକା ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକ

ଆସିକା,୨୦।୧୧(ଡି.ଏନ୍.ଏ.): ଆସିକା ମହୋତ୍ସବ ନିମନ୍ତେ ବୁଧବାର ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡିଓ ସତ୍ୟ ସୁନ୍ଦର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟିକା ସ୍ୱାଇଁଙ୍କୁ ମହୋତ୍ସବ ପରିଚାଳନା କମିଟିର ଅଧକ୍ଷା ଭାବେ ମନୋନୀତ କରାଯାଇଥିଲା । ଗଞ୍ଜାମ ଏସ୍‌ପି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଉପଜିଲାପାଳ, ପୋଲିସ ଏସଡିପିଓ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସହରର ସମସ୍ତ ସଙ୍ଗଠନର ପ୍ରତିନିଧିଙ୍କୁ ନେଇ ଏକ ଷ୍ଟିୟରିଂ କମିଟି ଗଠନ ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଏକାଧିକ କମିଟି ଗଠନ ନିମନ୍ତେ ମଧ ଆଲୋଚନା କରାଯାଇଥିଲା ।

ସୂଚନାଯୋଗ୍ୟ, ଆସିକାରେ ପ୍ରଥମଥର ପାଇଁ ଗତ ଜାନୁୟାରୀ ୧୬ରୁ ୨୦ ତାରିଖ ଯାଏ ୫ଦିନ ଧରି ମହୋତ୍ସବ ହୋଇଥିଲା । ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିଙ୍କ ଦ୍ୱାରା କଳାକୌଶଳ ପ୍ରଦର୍ଶନ ସହ ରାଜ୍ୟ ଓ ରାଜ୍ୟ ବାହାର କଳାକାର ଓ ସିନେ ତାରକାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଆଗକୁ ହୋବାକୁ ଥିବା ଏହି ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦିଆଯାଇଛି। ମହୋତ୍ସବ ପୂର୍ବଭଳି ଆସିକା ବସଷ୍ଟାଣ୍ଡ ସଂଲଗ୍ନ କଳିଙ୍ଗା ରୋଡ ପାର୍ଶ୍ୱରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ସେଠାରେ ଧାନ ଚାଷ କରାଯାଇଛି। ଧାନ କଟାଯିବା ପରେ ମହୋତ୍ସବ ଦିନ ଧାର୍ଯ୍ୟ ହେବ ବୋଲି ସୂଚନା ମିଳିଛି।

## ଅତିରିକ୍ତ ଜିଲାପାଳ, ଡିଆର୍‌ଡିଏ ପିଡିଙ୍କୁ ବିଦାୟ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୨୦।୧୧ (ସ୍ୱ.ପ୍ର.): ଗଜପତି ଜିଲାର ଅତିରିକ୍ତ ଜିଲାପାଳ ସ୍ୱାଧୀଦେବ ସିଂ ଏବଂ ଡିଆର୍‌ଡିଏ ପିଡି ଚଞ୍ଚଳ ରାଣାଙ୍କୁ ଅନ୍ୟ ଜିଲାକୁ ବଦଳି ହୋଇଥିବାବେଳେ ବୁଧବାର ଏହି ଦୁଇ ପ୍ରଶାସନିକ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗଜପତି ଜିଲାପାଳ ଅନୁପମ ଶାହା ଏବଂ ଏସ୍‌ପି ସାରା ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ସହକାରୀ ଜିଲାପାଳ ଜୁବୁଲି ବେହେରାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଉଭୟେ ନିଜ କାର୍ଯ୍ୟକାଳ ମଧରେ ଗଜପତି ଜିଲାରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିବା ସହ ତିତ୍‌ଲି ବାତ୍ୟା ପରିଚାଳନା ଦିଗରେ ମଧ ଉତ୍ତମ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ ଅତିରିକ୍ତ ଜିଲାପାଳ ସିଂଙ୍କୁ ରାଉରକେଲାର ଅତିରିକ୍ତ ଜିଲାପାଳଭାବେ ଦାୟିତ୍ୱ ଦିଆଯାଇଥିବାବେଳେ ଡିଆର୍‌ଡିଏ ପିଡି ରାଣାଙ୍କୁ ମୟୁରଭଞ୍ଜ ଜିଲା ଡିଆର୍‌ଡିଏ ପିଡି ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ଦୁଇ ଅଧିକାରୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ଏଠାରେ ଯେପରି ବିକାଶମୂଳକ କାର୍ଯ୍ୟକ୍ରମ ଚାଲିଥିଲା ନୂତନ ଦାୟିତ୍ୱରେ ଅନ୍ୟ ଜିଲାରେ ମଧ ତାହା ଜାରି ରହିବ।

**କୃଷି ନିର୍ଦ୍ଧାରଣ କମିଟି ବୈଠକ**

# ଚାଷୀଙ୍କ ନିକଟକୁ ଯାଇ ସମସ୍ୟା ବୁଝ: ଜିଲାପାଳ

- ୨.୯ ଲକ୍ଷ ହେକ୍ଟରରେ ରବି ଫସଲ ଲକ୍ଷ୍ୟଧାର୍ଯ୍ୟ
- ସମବାୟ ସମିତି କେନ୍ଦ୍ର ଯାଞ୍ଚ ହେବ
- ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଅପଡେଟ୍ କର

ଛତ୍ରପୁର,୨୦।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ରବି ଫସଲ ନିର୍ଦ୍ଧାରଣ କମିଟି ବୈଠକ ବୁଧବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ। ଚାଷୀମାନଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ସମାଧାନ ସହ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରିବାକୁ କୃଷି ବିଭାଗ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ସମବାୟ ସେବା ସମିତିଗୁଡିକ ବିଭିନ୍ନ ସ୍ଥାନରେ ବନ୍ଦ ରହୁଛି । ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି । ଏଣିକି ସମସ୍ତ ପ୍ରାଥମିକ ସମବାୟ ସେବା ସମିତି ଗୁଡିକର ଯାଞ୍ଚ କରାଯିବ ବୋଲି ଜିଲାପାଳ କହିଥିଲେ । ସରକାର କୃଷି ପାଇଁ ବହୁ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହାର ସଦୁପଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା । ଚାଷୀଙ୍କ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଅପଡେଟ୍ କରିବା ନିହାତି ଜରୁରୀ । କେଉଁ ଜମିରେ କେଉଁ ଚାଷ କରି ଲାଭ ମିଳିବ ସେ ସମ୍ପର୍କରେ ଚାଷୀଙ୍କୁ ବିଶେଷଜ୍ଞମାନେ ଜଣାଇବାକୁ ଜିଲାପାଳ କହିଥିଲେ । ଜିଲାର ୫୫୯୧ ସ୍ଥାନରୁ ଜମି ମାଟି ନମୁନା ସଂଗ୍ରହ କରାଯାଇ ଥିବା ସୂଚନା ଦିଆଯାଇଥିଲା । ପ୍ରତ୍ୟେକ ଚାଷୀର ଜମିରୁ ବର୍ତ୍ତମାନ ଆୟ ଅନୁଧ୍ୟାନ କରାଯାଉ। କେଉଁ ପ୍ରକାର ପରିବର୍ତ୍ତିତ ଚାଷ କଲେ ଆୟ ଦ୍ୱିଗୁଣିତ ହୋଇପାରିବ ତାର ପରାମର୍ଶ ଦିଆଯାଉ । କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଜଳସେଚନ ବିଭାଗ ଓ ବ୍ୟାଙ୍କ କର୍ମଚାରୀ ସାମୂହିକ ଭାବେ ଚାଷୀଙ୍କୁ ପରାମର୍ଶ ଦେବେ । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏଥିରେ ସାମିଲ କରାଯାଉ । ଚାଷୀଙ୍କୁ ଉତ୍ତମ ମାନର ବିହନ ରିହାତି ଦରରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରିହାତି ଦରରେ କୃଷି ଯନ୍ତ୍ରପାତି ଓ ଅନ୍ୟାନ୍ୟ ସହାୟତାକୁ ସରଳୀକରଣ କରାଯିବ । ଜିଲା ବାହାରୁ କିମ୍ବା ରାଜ୍ୟ ବାହାରୁ ସଫଳ ଚାଷୀମାନଙ୍କୁ ଆମନ୍ତ୍ରିତ କରାଯାଇ ସେମାନଙ୍କର ଚାଷ କୌଶଳ ବିଷୟରେ ଗଞ୍ଜାମ ଜିଲା ଚାଷୀଙ୍କୁ ଅବଗତ କରାଯିବ । ଜୈବିକ ଚାଷ ଉପରେ ଜିଲାପାଳ ଅଗ୍ରାଧିକାରୀ ଦେଇଛନ୍ତି। ଚଳିତ ବର୍ଷ ଜିଲାର ୨ ଲକ୍ଷ ୯ ହଜାର ୪୭୦ ହେକ୍ଟର ଜମିରେ ରବି ଫସଲ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି । ରବି ଫସଲ ଚାଷ ବୃଦ୍ଧି ହେଉ ନ ଥିବା ଜିଲାପାଳ କହିଥିଲେ। ଜିଲାର ୬ ହଜାର ୧୫୮ ହେକ୍ଟର ଜମିକୁ ଜଳସେଚନ ସୁବିଧା ଥିବା ସୂଚନା ଦିଆଯାଇଥିଲା । ଚଳିତ ବର୍ଷ ଏହି ଫସଲ ପାଇଁ ୪୪୮୭ କୁଇଣ୍ଟାଲ ବିହନ ସୁଲଭ ଦରରେ ବିକ୍ରି କରାଯିବ। ଏଥିସହ ୧୯ ହଜାର ୯୦୦ ମେଟ୍ରିକ ଟନ୍ ସାର ଯୋଗାଇ ଦିଆଯିବ । ଏହି ବୈଠକରେ କୃଷି ଉପନିର୍ଦ୍ଦେଶକ କାଶୀନାଥ ଖଣ୍ଟିଆ, ଆତ୍ମାର ରାଜ୍ୟ ସଂଯୋଜକ ବସନ୍ତ କୁମାର ସର, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଉପ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ରାଓଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।


ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ମୁନିଙ୍ଗାଡିହିଁ ଗ୍ରାମରେ ସତ୍‌ସଙ୍ଗ ମନ୍ଦିର ପ୍ରତିଷ୍ଠା

ପାରଳାଖେମୁଣ୍ଡି,୨୦।୧୧ (ସ୍ୱ.ପ୍ର.)

ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ଅବାରସିଂ ପଞ୍ଚାୟତ ଅଧୀନ ଡୁବୁରୁବା ମଣ୍ଡଳୀ ଆନୁକୁଲ୍ୟରେ ମୁନିଙ୍ଗାଡିହିଁ ଗ୍ରାମରେ ବୁଧବାର ସତ୍‌ସଙ୍ଗ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଶବର ସମାଜ କଲ୍ୟାଣ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ କୃଷ୍ଣଚନ୍ଦ୍ର ଗମାଙ୍ଗ, ମାର୍ଗଦର୍ଶକ ଅରକ୍ଷର ମଣ୍ଡଳ, ସରପଞ୍ଚ ତ୍ରିନାଥ ନାୟକ, ଛେଳିଗଡ଼ ସମିତିସଭ୍ୟ ରାମଚନ୍ଦ୍ର ରଣସିଂହ ନାୟକ, ରାଜେନ୍ଦ୍ର ରଣସିଂହ ନାୟକ ଏବଂ ଡୁବୁରୁବା ମଣ୍ଡଳୀର ସଭାପତି ଦାଶରଥି ଗମାଙ୍ଗ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରଇତ, ମୁନିଙ୍ଗାଡିହିଁ କେନ୍ଦ୍ରର ଉପସଭାପତି ରାମ ରଇତ, ସମ୍ପାଦକ ନାରାୟଣ ମଣ୍ଡଳ, ସହ ସମ୍ପାଦକ ବାସୁଦେବ ବଡ଼ରଇତ ଏବଂ ଗ୍ରାମ ସଭାପତି ଦଣ୍ଡାସି ରଇତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଞ୍ଚଳବାସୀ ଏଥିରେ ସହଯୋଗ କରିଥିଲେ।

## ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀଙ୍କ ପରିଦର୍ଶନ


ଜଙ୍ଗଲ ଦେଖୁଛନ୍ତି ବନଖଣ୍ଡ ଅଧିକାରୀ ।

ବୁଗୁଡ଼ା,୨୦।୧୧(ଡି.ଏନ.ଏ.)

ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା ବୁଧବାର ବୁଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ ଜଙ୍ଗଲରେ ଚାରାରୋପଣ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ଅବସରରେ ବନଖଣ୍ଡ ଅଧିକାରୀ ବାଲିପଦର ସେକ୍ସନର ମହାସିଙ୍ଗିପଲ୍ଲୀ, ଠଣାପଲ୍ଲୀ ଓ ସମଲେଇ ବନ ସୁରକ୍ଷା ସମିତିର ସଭାଗୃହ ଉଦ୍‌ଘାଟନ କରିଥିଲେ। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ସାଙ୍ଗକୁ ଲୋକମାନଙ୍କ ସାମାଜିକ ଓ ଆର୍ଥିକ ମାନଦଣ୍ଡର କିପରି ଉନ୍ନତି ହୋଇପାରିବ ସେ ସମ୍ପର୍କରେ ଉଦଘାଟନୀ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ବିସ୍ତୃତ ଆଲୋଚନା କରିଥିଲେ। ବନଖଣ୍ଡ ଅଧିକାରୀ ବେହୁରା ଟାଙ୍ଗିରି ରିଜର୍ଭ ଜଙ୍ଗଲ, ଠଣାପଲ୍ଲୀ ଜଙ୍ଗଲ, ସୋଲଣ୍ଡି ରିଜର୍ଭ ଜଙ୍ଗଲରେ କରାଯାଇଥିବା ଚରାରୋପଣ କାର୍ଯ୍ୟ ଦେଖିଥିଲେ। ଅନ୍ୟପକ୍ଷରେ ବୁଦ୍ଧଖୋଲ ନର୍ସରୀର ଉନ୍ନତୀ ସକାଶେ ଗୁରୁତ୍ୱ ଦେବା ପାଇଁ ସେ ସୂଚନା ଦେଇଥିଲେ। ବୁଦ୍ଧଖୋଲରେ ଇକୋ ପାର୍କ ପ୍ରତିଷ୍ଠା ଦିଗରେ ପ୍ଲାନ ତିଆରି କରିବା ସକାଶେ ବୁଦ୍ଧଖୋଲ ଉନ୍ନୟନ ସମିତିର କର୍ମକର୍ତ୍ତାଙ୍କ ସହ ବ୍ୟାପକ ଆଲୋଚନା କରିଥିଲେ । ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଙ୍ଗଲରେ ଥିବା ହାତୀପଲ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କୁ କିପରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବ ତାହାକୁ ପ୍ରାଧାନ୍ୟ ଦେବେ ବୋଲି ବନଖଣ୍ଡ ଅଧିକାରୀ କହଛନ୍ତି। ସମସ୍ତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ଓ ଅନ୍ୟାନ୍ୟ ବନପାଳ, ବନରକ୍ଷୀ ଆଦି କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଫସଲ କ୍ଷୟକ୍ଷତି ନେଇ ଦାବିପତ୍ର ପ୍ରଦାନ

ପୋଲସରା,୨୦।୧୧

ଫସଲ କ୍ଷୟକ୍ଷତି ନେଇ ପୋଲସରା ପଞ୍ଚାୟତ ସମିତି ଚିରିକିପଡ଼ାଶାସନର ଶତାଧିକ ମହିଳା, ପୁରୁଷ ଚାଷୀ ବୁଧବାର ବିଡିଓ କାର୍ଯ୍ୟାଳୟରେ ବିଡିଓ ଶମ୍ଭୁନାଥ ନନ୍ଦିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ସେମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଏଟିଓ ଅଶୋକ କୁମାର ପ୍ରଧାନଙ୍କୁ ସାକ୍ଷାତ କରି ଦାବି ଜଣାଇଥିଲେ। ପୋଲସରା ବିଧାୟକ, କୃଷି ଅଧିକାରୀ ସମସ୍ତଙ୍କ ନିକଟକୁ ଏହାର ନକଲମାନ ପ୍ରେରଣ କରାଯାଇଛି। ଚଳିତ ଖରିଫ ଋତୁରେ ଧାନ ଫସଲରେ ରୋଗପୋକ ଦ୍ୱାରା କ୍ଷୟକ୍ଷତିର ସରକାରୀ ସହାୟତା ଯୋଗାଇ ଦେବା ସମ୍ପର୍କରେ ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଦାବି ପତ୍ର ମାଧମରେ ଜଣାଯାଇଛି। ଖରିଫ ଋତୁରେ ଚିରିକିପଡ଼ା ଶାସନ ଗାଁର ନିଜସ୍ୱ ଜମିରେ ଧାନ ଚାଷ କରିଥିଲେ। କିନ୍ତୁ ଅନିୟମିତ ଜଳବାୟୁ ଲଗାଣ ବର୍ଷାରେ ହଜାର ହଜାର ଏକର ଧାନ ଫସଲ ଚକଡ଼ା ପୋକ, ଗୁଣ୍ଡି ପୋକ ଦ୍ୱାରା ନଷ୍ଟ ହୋଇଯାଇଛି। ଯେତେ ପ୍ରତିକାର ବ୍ୟବସ୍ଥା କଲେ ମଧ କିଛି ସୁଫଳ ମିଳିନାହିଁ । ଏଣୁ ଫସଲ ହାନିର ଉପଯୁକ୍ତ ତଦନ୍ତ କରାଯାଇ ସରକାରଙ୍କ ରିଲିଫ୍ କୋର୍ଡ ପ୍ରକାରେ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ସୁଜାତା ସାହୁଙ୍କ ସମେତ ସମସ୍ତ ଚାଷୀ ଅନୁରୋଧ କରିଛନ୍ତି।

**ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**

## ଭାଗନେଲେ ୧୭୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

ଦିଗପହଣ୍ଡି,୨୦।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ସହାୟତାରେ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷା ସଂଯୋଜକ ସୁଶାନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାଳା ମାଝୀ, ରସାନନ୍ଦ ଘଡେଇ, ବିଶ୍ରବା ପାଇକ, ପ୍ରଧାନଶିକ୍ଷକ ଶିଶିର କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଗି ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବ୍ଲକର ୫୫ଟି ବିଦ୍ୟାଳୟରୁ ଆସିଥିବା ୧୭୦ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଏହି କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟସ୍ତରରେ ବିଦ୍ୟାଳୟ ଗାରିମା ତାମ୍ର ପୁରସ୍କାର ପାଇଁ ଚିହ୍ନଟ ତାଲିକାରେ ଜିଲାର ୪୦୪ ବିଦ୍ୟାଳୟ ମଧ୍ରୁ ଦିଗପହଣ୍ଡି ବ୍ଲକରୁ ସର୍ବାଧିକ ୬୧ଟି ବିଦ୍ୟାଳୟର ନାଁ ରହିଛି। ପୁରସ୍କାରପ୍ରାପ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ଏହି ଅବସରରେ ମାନପତ୍ର ବଣ୍ଟାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସହକାରୀ ଶିକ୍ଷକ ରାଜେନ୍ଦ୍ର ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ।


ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ବଣ୍ଟାଯାଉଛି।

## ହିଞ୍ଜିଳିକାଟୁ ହେବ ପ୍ରଥମ ଉଷ୍ଟବିନମୁକ୍ତ ସହରାଞ୍ଚଳ

ହିଞ୍ଜିଳିକାଟୁ, ୨୦।୧୧(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ପୌରାଞ୍ଚଳକୁ ସ୍ୱଚ୍ଛ, ସୁନ୍ଦର କରିବା ପାଇଁ ପ୍ରଶାସନିକ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ବିଭିନ୍ନ ଅଞ୍ଚଳରେ କଠିନ ବର୍ଜ୍ୟବସ୍ତୁର ଠିକ ପରିଚାଳନା ପାଇଁ ଗୁରୁତ୍ୱାରୋପ କରାଯାଉଛି। ଏହି ପୌରାଞ୍ଚଳକୁ ମଡ଼େଲ ଭାବେ ନିଆଯାଇ ରାଜ୍ୟର ପ୍ରଥମ ଡଷ୍ଟବିନମୁକ୍ତ ଅଞ୍ଚଳ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ କହିଛନ୍ତି।

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ ପ୍ରକାରେ ଏଣିକି ହିଞ୍ଜିଳିକାଟୁ ସହରାଞ୍ଚଳର ବିଭିନ୍ନ ସାହି ବସ୍ତିରୁ ଡଷ୍ଟବିନ ଉଚ୍ଛେଦ କରାଯିବ। ପ୍ରତିଦିନ ୨ରୁ ୩ଥର ଆର୍ବଜନା ସଂଗ୍ରହ ଗାଡ଼ି ସାହିରେ ବୁଲିବ। ପ୍ରତିଘରୁ ଗାଡ଼ିରେ ଆବର୍ଜନା ସଂଗ୍ରହ କରାଯାଉଛି କି ନାହିଁ ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନେ ତଦାରଖ କରିବେ। ଓଦା ଓ ଶୁଖିଲା ବର୍ଜବ୍ୟସ୍ତୁ ବିଚ୍ଛିନ୍ନ କରଣ ପ୍ରକ୍ରିୟାରେ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯିବ। ଆଇନ ଅବମାନନା କରୁଥିବା ପରିବାରକୁ ସତର୍କ କରାଯିବା ସହ ଜରିମାନା ଆଦାୟ କରାଯିବ। ସହରର ମୁଖ୍ୟ ରାସ୍ତା ଓ ନିକଟବର୍ତ୍ତୀ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଗୁରୁତ୍ୱାରୋପ କରାଯିବ। ପୌର କର୍ମଚାରୀ ଏହାର ନିୟମିତ ତଦାରଖ କରିବେ। ସହରକୁ ସମ୍ପୂର୍ଣ୍ଣ ଭାବେ ପଲିଥିନମୁକ୍ତ କରାଯିବ। ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରକୁ ସୁନ୍ଦର କରିବା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥଣ୍ଡା ପାନୀୟ ଜଳ, ପଥଚାରୀଙ୍କ ବସିବା ପାଇଁ ସ୍ଥାନେ ସ୍ଥାନେ ଚେୟାର ଓ ଅନ୍ୟାନ୍ୟ ଆଧୁନିକ ସହରର ସୁବିଧା ପ୍ରଦାନ କରାଯିବାକୁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରହିଛି ବୋଲି ପୌର ଅଧିକାରୀ ସାହୁ କହିଛନ୍ତି।

## ବାଇକ୍ ଧକ୍କାରେ ଜଣେ ମୃତ

ହିଞ୍ଜିଳିକାଟୁ,୨୦।୧୧(ଡି.ଏନ୍.ଏ.)

ହିଞ୍ଜିଳି ଥାନା ଅନ୍ତର୍ଗତ ତଥା କୁକୁଡ଼ାଖଣ୍ଡି ନିକଟ ବଡ଼ କେନାଲ ପାଖ ୫୯ନଂ. ଜାତୀୟ ରାଜପଥରେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଗ୍ରାମର କେ. ଗୋପାଳକୃଷ୍ଣ (୬୦)। ପ୍ରତିଦିନ ପରି ବୁଧବାର ଗୋପାଳକୃଷ୍ଣ ପ୍ରାତଃଭ୍ରମଣ କରି ଫେରୁଥିବା ବେଳେ ବଡ଼ କେନାଲ ନିକଟରେ ଏକ ବାଇକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁକୁଡ଼ାଖଣ୍ଡି ଡ଼ାକ୍ତରଖାନାରେ ଭର୍ତି କରିଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ.୩୨୩/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଦୁର୍ଘଟଣା ପରେ ବାଇକ ଛାଡ଼ି ଚାଳକ ଫେରାର ହୋଇଯାଇଛି ।

**ବାପାଙ୍କୁ ଅପହରଣ ନେଇ ସୋସିଆଲ ମିଡିଆରେ ପ୍ରଚାର**

## ପୁଅଙ୍କୁ ଅପହରଣ ନେଇ ବାପାଙ୍କ ପାଲଟା ଅଭିଯୋଗ

ପୁରୁଷୋତ୍ତମପୁର, ୨୦।୧୧(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା ନିଜ ପଦବୀରୁ ଇସ୍ତଫା ଦେବା ଘଟଣା ୨୬ ଦିନ ବିତିଛି। ଏଠାରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ସୂର୍ଯ୍ୟନାରାୟଣ ଓ ତାଙ୍କ ପୁଅ ପୃଥକ୍ ପୃଥକ୍ ଅଭିଯୋଗ ବୁଧବାର ନୂଆମୋଡ ନେଇଛି।

ସୋସିଆଲ ମିଡିଆରେ ସୂର୍ଯ୍ୟନାରାୟଣଙ୍କ ପୁଅ ମୋ ବାପାଙ୍କୁ ଅପହରଣ କରାଯାଇଥିବା ନେଇ ପୁରୁଷୋତ୍ତମପୁର ଥାନା ଅଧିକାରୀ ଓ ପୋଲିସ ବିଭାଗ ବରିଷ୍ଠ ଅଧିକାରୀ, ମୁଖ୍ୟମନ୍ତ୍ରୀ, ଗଞ୍ଜାମ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗ ପୋଷ୍ଟ କରିଥିଲେ। ଯେଉଁଥିରେ ସେ ଉଲ୍ଲେଖ କରିଥିଲେ, ଗତ ୨୫ ତାରିଖରେ ଆମ ଘରକୁ କେତେଜଣ ବ୍ୟକ୍ତି ଆସି ବାପାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇ ନେଇଯାଇଛନ୍ତି। ବାପା ଘରକୁ ଘରକୁ ଫେରିନାହାନ୍ତି। ୧୦ଦିନ ହେଲା ସେ ଫୋନ ମଧ କରୁନାହାନ୍ତି। ତେଣୁ ବାପାଙ୍କୁ ଫେରାଇ ଆଣିବା ସହ ସୁରକ୍ଷା ଦେବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ବୁଧବାର ରାତିରେ ସୂର୍ଯ୍ୟନାରାୟଣ ପୁରୁଷୋତ୍ତମପୁର ଥାନାକୁ ଆସି ତାଙ୍କ ନାବାଳକ ପୁଅ କରିଥିବା ଅଭିଯୋଗ ଭିତ୍ତିହୀନ ବୋଲି ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କୁ ଜଣାଇଛନ୍ତି। ପୁଅ ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ଏଭଳି ମିଥ୍ୟା ଅଭିଯୋଗ କରିଛନ୍ତି। ସେ ପାଲଟା ଅଭିଯୋଗ କରିଛନ୍ତ, ମଙ୍ଗଳବାରରୁ କେତେକ ଲୋକ ରାଜନୈତିକ କାରଣରୁ ମୋ ପୁଅଙ୍କୁ ପ୍ରଭାବିତ କରି ରଖିଛନ୍ତି। ପୁଅ ଜୀବନ ପ୍ରତି ବିପଦ ରହିଛି। ଅପହରଣକାରୀଙ୍କ କବଳରୁ ତାଙ୍କୁ ଉଦ୍ଧାର କରିବା ଲାଗି ସୂର୍ଯ୍ୟନାରାୟଣ ପୋଲିସକୁ ଅନୁରୋଧ କରିଛନ୍ତି। ସେ ନିଜ ଇଚ୍ଛାରେ ଅଧକ୍ଷ ପଦରୁ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି। ଆଇଆଇସି ମଲ୍ଲିକ କହିଛନ୍ତି, ଥାନାରେ ତାଙ୍କ ପୁଅ କୌଣସି ଅଭିଯୋଗ କରିନାହାନ୍ତି। ସୂର୍ଯ୍ୟ ନାରାୟଣଙ୍କ ଲିଖିତ ଅଭିଯୋଗକୁ ନେଇ ତଦନ୍ତ ଚାଲିଛି।


ଥାନାଧିକାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି ସୂର୍ଯ୍ୟନାରାୟଣ।

**ପୁରୁଷୋତ୍ତମପୁର ବ୍ଲକ ଅଧକ୍ଷଙ୍କ ଇସ୍ତଫା ୨୬ ଦିନ ବିତିଲା**

## ବାହୁଦା ନଦୀରେ ମିଶିଯିବ ବଜ୍ରଗୁମ୍ଫା ଗାଁ

ଦିଗପହଣ୍ଡି,୨୦।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡା ପଞ୍ଚାୟତ ୱାର୍ଡ ନଂ. ୧୨ ଅଧୀନ ବଜ୍ରଗୁମ୍ଫା ଗାଁ ବନ୍ୟା ସମୟରେ ବାହୁଦା ନଦୀ ଗର୍ଭରେ ସମ୍ପୂର୍ଣ୍ଣ ବି ଲୀନ ହେବାର ଆଶଙ୍କା ରହିଛି। ଏଥି ସହ ଆଖପାଖ ଅଞ୍ଚଳରେ ଥିବା ନଦୀ ତଟବର୍ତ୍ତି ଢ଼େପାପେଣ୍ଠ, ପୁହୁଣ୍ଡି, ସମାସିଙ୍ଗି ଶାସନ ଗାଁର ବିସ୍ତିର୍ଣ୍ଣ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ଦେଖାଦେଇଛି। ବଜ୍ରଗୁମ୍ଫା ଗାଁ ନିକଟ ବାହୁଦା ନଦୀ ପଠାରେ ଦୀର୍ଘ ବର୍ଷ ହେଲା ବହୁ ପରିମାଣରେ ବେଆଇନ ବାଲି ଉତ୍ତୋଳନ କରାଯାଉଥିବାରୁ ବନ୍ୟା ସମୟରେ ବନ୍ୟାଜଳ ଆସି ବଜ୍ରଗୁମ୍ଫା ଗାଁକୁ ଧୋଇନେବ। ଗତ ବନ୍ୟାରେ ନଦୀବନ୍ଧ ଖାଇଯାଇଛି। ଫଳରେ ଗ୍ରାମର ଗଣେଶ ସାହୁ, ପ୍ରମୋଦ ସାହୁ, ଅଭି ସାହୁ, ପର୍ଶୁ ସାହୁ, ଚନ୍ଦ୍ରମଣି ସାହୁ, ବୁଲୁ ସାହୁ ପ୍ରମୁଖଙ୍କ ଘରକୁ ବନ୍ୟାଜଳ ମାଡ଼ କରିଥିଲା। ଅଳ୍ପକେ ବାସଗୃହ ଗୁଡିକ ରକ୍ଷା ପାଇଯାଇଥିଲା। ଗ୍ରାମର ରବୀନ୍ଦ୍ର ଗୌଡ, ରଘୁନାଥ ଗୌଡ, ବାରିକ ଗୌଡ, ଉଜ୍ଜଳ ଗୌଡ, ଗଣେଶ ଗୌଡ, କୁରେଶୁ ଅଧିକାରୀ, ସୀମାଞ୍ଚଳ ଚୌଧୁରୀଙ୍କ ପ୍ରାୟ ୨ ଏକର ଚାଷ ଜମି ଅଦ୍ୟାବଧି ନଦୀ ଗର୍ଭକୁ ଚାଲିଗଲାଣି। ପ୍ରତିବର୍ଷ ବନ୍ୟାରେ ଚାଷ ଜମିରେ ବାଲି ମାଡିଯାଇ ଫସଲ କ୍ଷତିଗ୍ରସ୍ତ ହେଉଛି। ଗତ ଅକ୍ଟୋବର ୨୬ ତାରିଖରେ ଦିଗପହଣ୍ଡି ତହସିଲଦାର ଅଦୈତ କୁମାର ସ୍ୱାଇଁ, ବିଡ଼ିଓ ହଳଧର ଶବର ବଜ୍ରଗୁମ୍ଫା ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଏ ନେଇ ଆଲୋଚନା କରି ସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ପ୍ରଶାସନ ପକ୍ଷରୁ ଏନେଇ ପଦକ୍ଷେପ ନେବାକୁ ପୂର୍ବତନ ସରପଞ୍ଚ ରଘୁନାଥ ପାତ୍ର, ନାଏବ ସରପଞ୍ଚ ଗିଲୁ ଅଧିକାରୀ, ସାମାଜିକ କର୍ମୀ ରାଜ କୁମାର ମିଶ୍ର, ଡାକ ସାହୁ, ସୀମାଞ୍ଚଳ ସାହୁ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।


ଗ୍ରାମବାସୀଙ୍କ ଉପସ୍ଥିତିରେ ତହସିଲଦାର ଓ ବିଡିଓ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

